
# କୁମ୍ଭୀର



ଶଙ୍କର

ଚିତ୍ର: ଅତନୁ ରୟ

କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି




ସମସ୍ତେ ମୋତେ ରାଜା ଡାକନ୍ତି । ମୁଁ ମୋର ଜେଜେବାପା ଏବଂ ଜେଜେମା'ଙ୍କ ସହ କେରଳର ଏକ ଛୋଟ ଗାଁରେ ରହେ ।

ଥରେ ମୁଁ ମୋ ଘର ପାଖରେ ଥିବା ପୋଖରୀରେ ଏକ ବଡ଼ କୁମ୍ଭୀର ଦେଖିଲି ।

ସେଠାରେ କୁମ୍ଭୀର ରହିବାରେ ମୋର କିଛି ଆପତ୍ତି ନଥିଲା କିନ୍ତୁ ମୁଁ ଚାହୁଁ ନଥିଲି ଯେ ସେ ଆମ ପୋଖରୀର ମାଛ  ଖାଉ ।



ମୁଁ ଏକ ଗଛ ଆଢୁଆଳରେ ଠିଆ ହୋଇ କୁମ୍ଭୀର ଉପରକୁ ଟେକାଟିଏ ଫିଙ୍ଗିଲି । ଟେକା ବାଜିବା ପୂର୍ବରୁ କୁମ୍ଭୀରଟି ଚଟକରି ପାଣି ଭିତରେ ବୁଡ଼ିଗଲା ।



ମୁଁ କଣ କୁମ୍ଭୀରଟିକୁ ଏକ ଦଉଡ଼ିରେ ବାନ୍ଧିପାରିବି?
ଆମ ଗୁହାଳରେ ଗାଈମାନେ ଟାଣ ଦଉଡ଼ିରେ
ବନ୍ଧା ହୋଇଥାନ୍ତି ।

କିନ୍ତୁ ଜେଜେବାପା ମୋତେ ସେଥିରୁ
ଗୋଟିଏ ଦଉଡ଼ି ଆଣିବା ପାଇଁ ଦେବେ
ନାହିଁ! ମୁଁ, ସେ ଘରୁ ବାହାରକୁ ଯିବା
ପର୍ଯ୍ୟନ୍ତ ଅପେକ୍ଷା କଲି ।


ସେ ଗଲାପରେ ମୁଁ ଗୁହାଳରୁ ଗୋଟିଏ ଦଉଡ଼ି ଆଣି ତାର
ଗୋଟିଏ ପଟକୁ ଗଛରେ ବାନ୍ଧି ଆରପଟଟିରେ ଗୋଟିଏ
ଫାଶ ତିଆରି କରି ପୋଖରୀ ଭିତରକୁ ଫୋପାଡ଼ି ଦେଲି ।

ପରଦିନ ଖୁବ୍ ସକାଳୁ ପୋଖରୀ ପାଖକୁ ଦଉଡ଼ିଗଲି ।
ଦେଖିଲି ବଡ଼ କୁମ୍ଭୀରଟି ଫାଶରେ ଧରାପଡ଼ିଛି ...!
ସେ ମୋତେ ଦେଖିବା ମାତ୍ରେ, ଜୋରରେ ଶବ୍ଦ କରି
ମୋ ଆଡ଼କୁ ଧାଇଁଆସିଲା ।



ମୁଁ ଯେମିତି ଜଣେ ହିରୋ! ଭିଡ଼ ଭିତରେ ଜମା ହୋଇଥିବା ଲୋକଙ୍କ ଭିତରୁ କେତେ ଜଣ କୁମ୍ଭୀରକୁ ପିଟିବା ପାଇଁ ଚାହୁଁଥିଲେ । ମୁଁ ସେମାନଙ୍କୁ କହିଲି ଏହା ମୋର କୁମ୍ଭୀର ଏବଂ ମୁଁ ଏହାକୁ ମୁକ୍ତ କରି ଦେବାକୁ ଚାହୁଁଛି ।


ଏଇ ଖବର ସମସ୍ତଙ୍କ ପାଖରେ ଶିଘ୍ର ପହଞ୍ଚିଗଲା ।
ବହୁତ ଲୋକ ପୋଖରୀ ପାଖରେ ପହଞ୍ଚିଗଲେ ।
ମୋର ଶିକ୍ଷକ ବି ସ୍କୁଲର ସବୁ ପିଲାଙ୍କ ସାଙ୍ଗରେ ନେଇ ପହଞ୍ଚିଗଲେ ।




କିନ୍ତୁ ସେମାନେ କହିଲେ ଏହାକୁ ମାରିଦେବା ଦରକାର । ସେମାନଙ୍କ ଆଗରେ ମୁଁ ଥିଲି ଏକୁଟିଆ ଓ  ଅସହାୟ ।

ଏହି ସମୟରେ, ଜେଜେବାପା ଆସି ପହଞ୍ଚିଗଲେ !
କେବଳ ସେ ହିଁ ଥିଲେ ଯିଏ ମୋ କୁମ୍ଭୀରକୁ ରକ୍ଷା କରିପାରିବେ ।

ଜେଜେବାପା ବଡ଼ ପାଟିରେ କହିଲେ ଯେ କୁମ୍ଭୀରର କୌଣସି କ୍ଷତି କରିବା ଉଚିତ୍ ନୁହେଁ । ସେ ମୋତେ କହିଲେ, 'ରାଜା, ଏହାକୁ ଖୋଲିଦିଅ ।'



ଆମେ ସ୍ଥିର କଲୁ ଯେ କୁମ୍ଭୀରଟିକୁ ମନ୍ଦିର ପାଖରେ ଥିବା ବଡ଼ ପୋଖରୀରେ ଛାଡ଼ି ଦିଆଯିବ ସେଠାରେ ବହୁତ କୁମ୍ଭୀର ଅଛନ୍ତି ।



ଆମେ ଏକ ଲମ୍ବା ସିଡ଼ି ଉପରେ କୁମ୍ଭୀରଟିକୁ
ରଖି ମନ୍ଦିର ପାଖରେ ଥିବା ପୋଖରୀକୁ ନେଲୁ ।

କୁମ୍ଭୀର ଉପରେ ଲମ୍ବା ନିଶୁଣି ରଖି ଦଉଡ଼ିରେ
ବାନ୍ଧି ଦିଆଗଲା, କୁମ୍ଭୀରଟି ହଲଚଲ ହୋଇପାରୁ
ନଥିଲା । ତାପରେ ଆଠ ଜଣ ଲୋକ ନିଶୁଣିକୁ
ଧରି ମନ୍ଦିର ପାଖରେ ଥିବା ପୋଖରୀକୁ ନେଲେ ।

ସେଠାରେ ମୁଁ ଦଉଡ଼ିକୁ କାଟିଦେଲି ଏବଂ
ନିଶୁଣିକୁ କାଢ଼ି ନିଆଗଲା କୁମ୍ଭୀରଟି ପୋଖରୀ
ଭିତରକୁ ଡେଇଁପଡ଼ିଲା!

କିଛି ଦିନ ପରେ ମୁଁ ଦେଖିଲି ମୋ କୁମ୍ଭୀର ଆମ
ଘର ପାଖ ପୋଖରୀକୁ ଫେରିଆସି ...
ଖରା ପୁଆଉଁଅଛି!

ଶଙ୍କର – କେ. ଶଙ୍କର ପିଲ୍ଲାଇ  କେରଳରେ ଜନ୍ମଗ୍ରହଣ କରିଥିଲେ। ପିଲାମାନଙ୍କ ପାଇଁ ସେ ଅନେକ ପୁସ୍ତକ ରଚନା କରିଛନ୍ତି ଏବଂ ସେଗୁଡ଼ିକର ଅଳଙ୍କରଣ କରିଛନ୍ତି । ଚିଲଡ୍ରେନ୍ସ୍ ବୁକ୍ ଟ୍ରଷ୍ଟ ଏବଂ ଶଙ୍କରଙ୍କ ଇଣ୍ଟରନେସନାଲ୍ ଡଲ୍ସ ମିଉଜିଅମ୍ ସ୍ଥାପନା କରିଥିବାରୁ ସେ ସ୍ମରଣୀୟ । 1976 ରେ ତାଙ୍କୁ  ପଦ୍ମବିଭୂଷଣ ଉପାଧୀରେ ଭୂଷିତ କରାଯାଇଥିଲା।

ଅତନୁ ରୟ ପିଲାମାନଙ୍କ ପାଇଁ ଶହେରୁ ଅଧିକ ପୁସ୍ତକ ଅଳଙ୍କୃତ କରିଛନ୍ତି । ରୟ, ଇଣ୍ଡିଆ ଟୁଡେ ପାଇଁ ଏକ ରାଜନୈତିକ କାର୍ଟୁନିଷ୍ଟ ଭାବରେ କାର୍ଯ୍ୟ କରିଥିଲେ, ବହି ଚିତ୍ରଣ ପାଇଁ ଚିଲଡ୍ରେନ୍ସ ଚଏସ୍ ଆୱାର୍ଡ଼ ଏବଂ ଚିତ୍ର ପାଇଁ ଆଇବିବିୱାଇ ସାର୍ଟିଫିକେଟ୍ ସମ୍ମାନ ପାଇଛନ୍ତି ।

## KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରିବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" - ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" - ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" - ଟାଇମ୍ ଆଉଟ୍

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, - ପେପରଟାଇଗର୍ସ

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍ © Katha, 1994, 2021
ପାଠ କପିରାଇଟ୍ © ଶଙ୍କର
ଚିତ୍ର କପିରାଇଟ୍ © କଥା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

**ଆମର ଲକ୍ଷ:** ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!

"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ । .

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।




ଆପଣଙ୍କ ପିଲାମାନଙ୍କ ସହିତ ମିଶି ପଢ଼ନ୍ତୁ । ସେମାନଙ୍କର ଦୁନିଆକୁ କଳ୍ପନାର ରଙ୍ଗରେ  ଭରି ଦିଅନ୍ତୁ  ।

300 କୋଟି ଲୋକଙ୍କ ପାଖରେ ପହଞ୍ଚିବାର ଯୋଜନାରେ ସାମିଲ୍ ହୁଅନ୍ତୁ! ଏପରି ଏକ ଦୁନିଆ ତିଆରି କରନ୍ତୁ ଯେଉଁଠି ପିଲାମାନେ ପଢ଼ିବାରେ ଆନନ୍ଦ ଓ ନୂତନ ଅର୍ଥ ପାଆନ୍ତି ।
ଯୋଗ ଦେବାକୁ: 300m@katha.org,
ସ୍ୱେଚ୍ଛାସେବୀ ହେବାକୁ: volunteer@katha.org

ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀ™ - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ !
(ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର) ।

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

# ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ ଉପଲବ୍ଧ

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ







































FOR OUR BOOKS

www.books.katha.org

"[କଥା] ... ଭାରତୀୟ ପ୍ରକାଶନ ଇତିହାସରେ ଏକ ବିଶେଷ ଏବଂ ଉଲ୍ଲେଖନୀୟ ମୁହୂର୍ତ୍ତ ।"
- ପ୍ରତିଷ୍ଠିତ ଦ ଇକୋନୋମି କ୍ଲାଇମ୍ବ


for children
a katha book
ISBN 978-93-88284-81-3
www.katha.org
₹ xxx